ଏସ୍. ଦେବଶୟମ୍ ଏବଂ ଅନ୍ୟ ଜଣେ

ବନାମ

ଯୁଗ୍ମ ନିର୍ଦ୍ଦେଶକ ଏବଂ ଅନ୍ୟ ଜଣେ

ଡିସେମ୍ବର 16, 2003

[ଏସ୍. ରାଜେନ୍ଦ୍ର ବାବୁ ଏବଂ ରୁମା ପାଲ୍, ନ୍ୟାୟଧିଶଦ୍ୱୟ]

ସେବା ଆଇନ :

ନିଯୁକ୍ତି - ସ୍ୱୀକୃତିପ୍ରାପ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ - ସ୍ନାତକୋତ୍ତର ସହାୟକ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇବାକୁ ଯୋଗ୍ୟ - 10 ମାସର ଅବଧି ପାଇଁ ପରିଚାଳିତ ଏକ ସଂକ୍ଷିପ୍ତ ପାଠ୍ୟକ୍ରମରେ ପ୍ରମାଣପତ୍ର ମାଧମରେ ପ୍ରଦାନ କରାଯାଇଥିବା ସ୍ନାତକୋତ୍ତର ଉପାଧିଧାରୀ ଶିକ୍ଷକ - ରାୟ ଦିଆଗଲା ଯେ, ଏପରି ଶିକ୍ଷକ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବାକୁ ଯୋଗ୍ୟ ନୁହଁନ୍ତି - ଏହିପରି  ଶିକ୍ଷକ ସ୍ନାତକୋତ୍ତର ସହାୟକ ନୁହଁନ୍ତି ଏବଂ ପଦବୀରେ ନିୟମିତ ଶିକ୍ଷକ ମଧ ନୁହଁନ୍ତି ଏବଂ ତେଣୁ, ପ୍ରଧାନ ଶିକ୍ଷକ ପଦବୀ ପାଇଁ ସହାୟକ ବର୍ଗର ଅନ୍ତର୍ଭୁକ୍ତ ନୁହଁନ୍ତି ।

**ଆବେଦନକାରୀ ସଂଖ୍ୟା 1ଙ୍କୁ ତାମିଲନାଡୁ ସରକାରଙ୍କ ଏକ ସ୍ୱୀକୃତ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଆବେଦନକାରୀ ସଂଖ୍ୟା  2 ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ଏହାକୁ ଆପତ୍ତି କରି ଉତ୍ତରଦାତା ସଂଖ୍ୟା 2ଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଅପିଲ ପ୍ରାଧିକାରୀ ଉକ୍ତ ନିଯୁକ୍ତିକୁ ରଦ୍ଦ କରିଥିଲେ । ଆବେଦନକାରୀ ସଂଖ୍ୟା 1ଙ୍କ ଦ୍ୱାରା ଅପିଲ ପ୍ରାଧିକାରୀଙ୍କ ଆଦେଶ ବିରୁଦ୍ଧରେ ଦାୟର ଆଜ୍ଞାଦେଶ ଆବେଦନ ଏକକ ବିଚାରପତିଙ୍କ ଦ୍ୱାରା ଖାରଜ କରାଯାଇଥିଲା ଏବଂ ତା'ପରେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ମଧ ଖାରଜ କରାଯାଇଥିଲା । ତେଣୁ ଏହି ଆବେଦନ ।**

**ଆବେଦନକାରୀ ସଂଖ୍ୟା 1 ଯୁକ୍ତି ଦର୍ଶାଇଥିଲେ ଯେ ତାଙ୍କର ଆବଶ୍ୟକୀୟ ଯୋଗ୍ୟତା ଅଛି ଏବଂ ସେ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବାକୁ ହକଦାର ।**

**ଆବେଦନକୁ ଖାରଜ କରି, ନ୍ୟାୟାଳୟ**

**ରାୟ ନିଆଗଲା ଯେ 1.ତାମିଲନାଡୁ ସରକାରଙ୍କ ସ୍ୱୀକୃତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ତାମିଲନାଡୁ ସ୍ୱୀକୃତିପ୍ରାପ୍ତ ଘରୋଇ ବିଦ୍ୟାଳୟ (ନିୟାମକ) ଅଧିନିୟମ , 1973 ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମ ଦ୍ୱାରା ପରିଚାଳିତ । ନିୟମ 15 (4) (1) (d) ଦର୍ଶାଏ ଯେ ପ୍ରଧାନ ଶିକ୍ଷକ ପଦବୀ କେବଳ ସେଥିରେ ଥିବା ବର୍ଗଗୁଡିକ ମଧ୍ୟରେ ପୂରଣ କରାଯାଇପାରିବ ଏବଂ ସେମାନେ(1) ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ; (2) ଶିକ୍ଷାଗତ ବିଷୟଗୁଡିକରେ ସ୍ନାତକୋତ୍ତର ସହାୟକ; (3) ଭାଷାଗୁଡ଼ିକରେ ସ୍ନାତକୋତ୍ତର ସହାୟକ ବର୍ଗଗୁଡିକର ଅନ୍ତର୍ଭୁକ୍ତ, ଯଦି ସେମାନଙ୍କ ପାଖରେ ନିର୍ଦ୍ଧାରିତ ଯୋଗ୍ୟତା ଥାଏ । କେବଳ ଆବେଦନକାରୀ ସଂଖ୍ୟା 1 ନିଜସ୍ୱ ଭାବେ ଆବଶ୍ୟକୀୟ ଯୋଗ୍ୟତା ଧାରଣ କରିଥିବାରୁ ସେ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବାକୁ ଦାବି କରିପାରିବେ ନାହିଁ । ଆବେଦନକାରୀ ସଂଖ୍ୟା 1 ଦାବି କରିଛନ୍ତି ଯେ ତାଙ୍କ ପାଖରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ଅଛି କିନ୍ତୁ ସେ ନିୟମିତ ପାଠ୍ୟକ୍ରମ ଦେଇ ଆସିନାହାନ୍ତି ବରଂ ବିଭାଗ ଦ୍ୱାରା 10 ମାସ ଧରି ପରିଚାଳିତ ଏକ ସଂକ୍ଷିପ୍ତ ପାଠ୍ୟକ୍ରମ ଗ୍ରହଣ କରିଥିଲେ ଏବଂ ତାଙ୍କର ଡିଗ୍ରୀ ପ୍ରମାଣପତ୍ର ମାଧ୍ୟମରେ ପ୍ରଦାନ କରାଯାଏ ଏବଂ ଏହିପରି ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବା ପାଇଁ ସହାୟକ ବର୍ଗରେ ରଖାଯାଏ ନାହିଁ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସ୍ନାତକୋତ୍ତର ଶିକ୍ଷକଙ୍କ ଅଭାବ ଥିବାରୁ କେତେକ ଶିକ୍ଷକଙ୍କୁ ପ୍ରମାଣପତ୍ର ଦେବାର ଏପରି ବ୍ୟବସ୍ଥା ଆବଶ୍ୟକ ହୋଇପଡ଼େ । ତେଣୁ, ସେ ବର୍ଗରେ ଜଣେ ନିୟମିତ ଶିକ୍ଷକ ନୁହେଁ ବରଂ ଜଣେ ନିଯୁକ୍ତିପ୍ରାପ୍ତ ଶିକ୍ଷକ ହୋଇଥାନ୍ତି । ଆବେଦନକାରୀ ସଂଖ୍ୟା 1 ଜଣେ ସ୍ନାତକୋତ୍ତର ସହାୟକ ନୁହଁନ୍ତି ଏବଂ ସେ ସହାୟକ ବର୍ଗରେ ଆସନ୍ତି ନାହିଁ ।**

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 4671-4673/1999 ।

ମାଡ୍ରାସ ଉଚ୍ଚ ନ୍ୟାୟାଳୟର 30.4.1998 ତାରିଖର W.A. 1466/1997, W.P. 16572/95 ଏବଂ CMP 16892/97 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ଯଶଙ୍କ ଆଦିୟାଦାରୁ ଏବଂ ଶ୍ରୀମତୀ ଏନ. ଅନ୍ନପୁରାନୀ ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ରେବତୀ ରାଘବନ, ସୁଶ୍ରୀ ଶ୍ୱେତା, ସି. ସେଲବରାଜ ଏବଂ ଟି. ରାଜା ।

ନ୍ୟାୟାଳୟଙ୍କ ଦ୍ୱାରା ରାୟ ପ୍ରଦାନ କରାଗଲା

**ନ୍ୟାୟାଧୀଶ ରାଜେନ୍ଦ୍ର ବାବୁ** :ଦ୍ୱିତୀୟ ଆବେଦନକାରୀ ହେଉଛନ୍ତି ତାମିଲନାଡୁ ସରକାରଙ୍କ ଏକ ସ୍ୱୀକୃତ ଅନୁଦାନପ୍ରାପ୍ତ ବିଦ୍ୟାଳୟ । ଏହିପରି ବିଦ୍ୟାଳୟଗୁଡ଼ିକ ତାମିଲନାଡୁ ସ୍ୱୀକୃତିପ୍ରାପ୍ତ ବେସରକାରୀ ବିଦ୍ୟାଳୟ (ନିୟାମକ) ଅଧିନିୟମ, 1973 ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମ ଦ୍ୱାରା ପରିଚାଳିତ । ବେସରକାରୀ ବିଦ୍ୟାଳୟ ମଧ୍ୟରେ ଆସୁଥିବା ସମସ୍ତ ପଦବୀ ଉକ୍ତ ଅଧିନିୟମ କିମ୍ବା ସେଥିରେ ପ୍ରସ୍ତୁତ ହୋଇଥିବା ନିୟମରେ ଥିବା ପ୍ରାବଧାନ ଅନୁଯାୟୀ ପୂରଣ କରିବାକୁ ପଡିବ। ବିଦ୍ୟାଳୟର ପରିଚାଳନା ପ୍ରଥମ ଆବେଦନକାରୀଙ୍କୁ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତ କରିଥିଲେ । ଦ୍ୱିତୀୟ ଉତ୍ତରଦାତା ଆବେଦନକାରୀଙ୍କ ନିଯୁକ୍ତିକୁ ଆପତ୍ତି କରି ଅପିଲ୍ ପ୍ରାଧିକାରୀଙ୍କ ନିକଟରେ ଏକ ଆବେଦନ ଦାୟର କରିଥିଲେ । ଅପିଲ୍ ପ୍ରାଧିକାରୀ କହିଥିଲେ ଯେ ଆବେଦନକାରୀ ପି.ଜି. ସହାୟକ ପଦବୀରେ ନାହାଁନ୍ତି ଯାହା ସହାୟକ ବର୍ଗ ଏବଂ ତେଣୁ, ପ୍ରଧାନ ଶିକ୍ଷକ ଭାବରେ ତାଙ୍କର ନିଯୁକ୍ତି ଅଯଥାର୍ଥ ଥିଲା ଏବଂ ଏହାକୁ ବାତିଲ୍ କରି ଦିଆଯାଇଥିଲା । ସେହି ଆଦେଶ ବିରୁଦ୍ଧରେ, ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଆଗତ କରିଥିଲେ ଏବଂ ବିଜ୍ଞ ଏକକ ବିଚାରପତି ଏହାକୁ ଖାରଜ କରିଦେଇଥିଲେ ଯାହା ବିରୁଦ୍ଧରେ ଆଜ୍ଞାଦେଶ ଆବେଦନ ମଧ୍ଯ ଦାୟର କରାଯାଇଥିଲା । ଅପିଲ ପ୍ରାଧିକାରୀ ଏବଂ ଉଚ୍ଚ ନ୍ୟାୟାଳୟ ବିଜ୍ଞ ଏକକ ବିଚାରପତି କିମ୍ବା ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ସମକାଳୀନ ମତ ହେଉଛି ଯେ ଉତ୍ତରଦାତା ସଂଖ୍ୟା 2 ହେଉଛନ୍ତି ସବୁଠାରୁ ବରିଷ୍ଠ ସ୍ନାତକୋତ୍ତର ସହାୟକ ଏବଂ ସେ ମୁଖ୍ୟ ଶିକ୍ଷକ ପଦବୀ ପାଇଁ ସହାୟକ ବର୍ଗରେ ଅନ୍ତର୍ଭୁକ୍ତ; ଯେ ସେ ନିୟମିତ ଭାବରେ ସ୍ନାତକୋତ୍ତର ସହାୟକ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ସହକାରୀ ମୁଖ୍ୟ ଶିକ୍ଷକ ପଦବୀରେ ରହିଥିଲେ; ଯେ ଆବେଦନକାରୀ ସମ୍ପୂର୍ଣ୍ଣ ଯୋଗ୍ୟତା ସମ୍ପନ୍ନ ସ୍ନାତକୋତ୍ତର ସହାୟକ ନୁହଁନ୍ତି; ଯେ ସେ ଶିକ୍ଷାଗତ ବିଷୟ କିମ୍ବା ଭାଷାରେ ସ୍ନାତକୋତ୍ତର ସହାୟକଙ୍କ ଅନ୍ତର୍ଭୁକ୍ତ ନୁହଁନ୍ତି; ଏବଂ ସେ ଆଦୌ ସହାୟକ ବର୍ଗରେ ନାହାଁନ୍ତି; ଯେ ସେ ଦ୍ୱିତୀୟ ଉତ୍ତରଦାତାଙ୍କର ଦାବିକୁ ଉପେକ୍ଷା କରି ପ୍ରଧାନ ଶିକ୍ଷକ ଭାବରେ ପଦୋନ୍ନତି ପାଇବାକୁ ହକଦାର ନୁହଁନ୍ତି ।

ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତ ଭୁଲ କି ନାହିଁ ତାହା ଜାଣିବା ପାଇଁ, ପ୍ରାସଙ୍ଗିକ ନିୟମାବଳୀ ସମ୍ବନ୍ଧରେ ଏହି ପ୍ରସଙ୍ଗର ଅନୁଧ୍ୟାନ କରିବା ଆବଶ୍ୟକ । ନିୟମ 15 (4) (1) (d) ଅନୁଯାୟୀ ପ୍ରଧାନ ଶିକ୍ଷକ ପଦବୀ କେବଳ ଏଥିରେ ଉଲ୍ଲେଖିତ ବର୍ଗଗୁଡ଼ିକ ମଧ୍ୟରେ ପୂରଣ କରାଯାଇପାରିବ ଏବଂ ସେଗୁଡ଼ିକ (1) ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ; (2) ଶିକ୍ଷାଗତ ବିଷୟଗୁଡ଼ିକରେ ସ୍ନାତକୋତ୍ତର ସହାୟକ; (3) ଭାଷାଗୁଡ଼ିକରେ ସ୍ନାତକୋତ୍ତର ସହାୟକ, ଯଦି ସେମାନଙ୍କର ନିର୍ଦ୍ଧାରିତ ଯୋଗ୍ୟତା ଥାଏ, ତେବେ ଏହି ବର୍ଗରୁ ଆସିପାରିବେ । ଏହା

ଗମ୍ଭୀରତାର ସହିତ ବିବାଦ କରାଯାଇପାରିବ ନାହିଁ ଯେ ଆବେଦକ ଜଣେ ସ୍ନାତକୋତ୍ତର ସହାୟକ ନୁହଁନ୍ତି ଏବଂ ସେ ସହାୟକ ବର୍ଗ ଅଧୀନରେ ଆସନ୍ତି ନାହିଁ ।କେବଳ ଆବଶ୍ୟକୀୟ ଯୋଗ୍ୟତା ଥିବାରୁ ସେ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବା ପାଇଁ ଦାବି କରିବାକୁ ସକ୍ଷମ ହେବେ ନାହିଁ । ଏହି ଆଧାରରେ ଅପିଲ ପ୍ରାଧିକାରୀ, ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତି ରାୟ ଦେଇଛନ୍ତି ଯେ ଆବେଦନକାରୀ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବା ପାଇଁ ହକଦାର ନୁହଁନ୍ତି ।

ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଦାବି ହେଉଛି ଯେ ତାଙ୍କ ପାଖରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ଅଛି କିନ୍ତୁ ସେ ନିୟମିତ ପାଠ୍ୟକ୍ରମ ଦେଇ ଯାଇନଥିଲେ କିନ୍ତୁ ବିଭାଗ ଦ୍ୱାରା 10 ମାସର ଅବଧି ପାଇଁ ପରିଚାଳିତ ଏକ ସଂକ୍ଷିପ୍ତ ପାଠ୍ୟକ୍ରମରେ ଏହା ଗ୍ରହଣ କରିଥିଲେ ଏବଂ ତାଙ୍କର ଡିଗ୍ରୀ ପ୍ରମାଣପତ୍ର ମାଧ୍ୟମରେ ପ୍ରଦାନ କରାଯାଏ ଏବଂ ଏହିପରି ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇବା ପାଇଁ ସହାୟକ ବର୍ଗରେ ନଥିବା ଧରାଯାଏ । ଦ୍ୱିତୀୟ ଆବେଦନକାରୀଙ୍କ ପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସ୍ନାତକୋତ୍ତର ଶିକ୍ଷକଙ୍କ ଅଭାବ ଥିବାରୁ କିଛି ଶିକ୍ଷକଙ୍କୁ ପ୍ରମାଣପତ୍ର ଦେବାର ଏପରି ବ୍ୟବସ୍ଥା ଆବଶ୍ୟକ ହୋଇପଡ଼ିଥିଲା । ଏହିପରି ସେ ବର୍ଗରେ ନିୟମିତ ଶିକ୍ଷକ ନୁହେଁ ବରଂ ଜଣେ ନିଯୁକ୍ତିପ୍ରାପ୍ତ ଶିକ୍ଷକ ହୁଅନ୍ତି । ଏହି ଦିଗଗୁଡ଼ିକୁ ଧ୍ୟାନରେ ରଖି ଏବଂ ଅପିଲ ପ୍ରାଧିକାରୀ ଏବଂ ଉଚ୍ଚ ନ୍ୟାୟାଳୟ ମଧ୍ୟ ମତ ଗ୍ରହଣ କରିଛନ୍ତି, ଆମେ ଏହି ପ୍ରସଙ୍ଗକୁ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଉପୁଜିଥିବା କାର୍ଯ୍ୟାନୁଷ୍ଠାନରେ ହସ୍ତକ୍ଷେପ କରିବା ଉଚିତ ବୋଲି ଭାବୁନାହୁଁ ।

ତେଣୁ ଆମେ ଏହି ଆବେଦନକୁ ଖାରଜ କରୁଛୁ ।

A.K.T. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।